No. of Printed Pages : 5

Sem-I-UG-Odia-MjCore-1(NEP)
(ଭାଷା ବିଜ୍ଞାନ)

# 2024-25

**Time - 3 hours**

**Full Marks - 100**

*Answer **all parts** as per instructions.*
*Figures in the right hand margin indicate marks.*

## PART – I

୧ । ପ୍ରଦତ୍ତ ବିକଳ୍ପଗୁଡ଼ିକ ମଧ୍ୟରୁ ସଠିକ୍ ଉତ୍ତର ଚୟନ କରି ସମସ୍ତ ପ୍ରଶ୍ନର ଉତ୍ତର ଦିଅ । [୧ × ୧୦

(କ) ମନୁଷ୍ୟର ମୁଖନିଃସୃତ ସାର୍ଥକ ଶୃଙ୍ଖଳିତ ଧ୍ୱନିଗୁଡ଼ିକୁ କଣ କୁହାଯାଏ ?

(i) ଲିପି (ii) ଧ୍ୱନି

(iii) ଭାଷା (iv) ଶବ୍ଦ

(ଖ) ଲାଟିନ୍ ଶବ୍ଦ 'Lingua'ର ଅର୍ଥ କଣ ?

(i) ଜିହ୍ୱା (ii) ପାଟି

(iii) ଦାନ୍ତ (iv) ଗଳା

(ଗ) ଭାରତୀୟ ଆର୍ଯ୍ୟଭାଷାକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

(i) ୨ (ii) ୩

(iii) ୪ (iv) ୫

P.T.O.

(ଘ) ପୃଥିବୀର ସବୁଠାରୁ ଅଧିକ ପ୍ରଭାବଶାଳୀ ଭାଷା ପରିବାରର ନାମ କଣ ?

(i) ଇଣ୍ଡୋ ୟୁରୋପୀୟ (ii) ଅଷ୍ଟ୍ରୋ-ଏସିଆଟିକ

(iii) ଦ୍ରାବିଡ଼ (iv) ସିନୋ ତିବ୍ବତୀୟ

(ଙ) ପାଲି, ପ୍ରାକୃତ ଓ ଅପ୍ରଭଂଶ ଆଦି ଭାଷା କେଉଁ ଭାରତୀୟ ଆର୍ଯ୍ୟଭାଷା ପରିବାର ଅନ୍ତର୍ଭୁକ୍ତ ?

(i) ପ୍ରାଚୀନ ଭାରତୀୟ (ii) ମଧ୍ୟ ଭାରତୀୟ

(iii) ନବୀନ ଭାରତୀୟ (iv) ଭାରତୀୟ ଇରାନୀୟ

(ଚ) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ସମୟଖଣ୍ଡକୁ କେଉଁ ସମୟର ବୋଲି ଧରାଯାଏ ?

(i) ଖ୍ରୀ.ପୂ. ୨୦୦-ଖ୍ରୀ.ଅ.୫୦୦

(ii) ଖ୍ରୀ.ପୂ. ୧୫୦୦-ଖ୍ରୀ.ପୂ. ୫୦୦

(iii) ଖ୍ରୀ.ପୂ ୫୦୦-ଖ୍ରୀ.ଅ. ୧୦୦୦

(iv) ଖ୍ରୀ.ପୂ ୧୦୦୦ ପରବର୍ତ୍ତୀ

(ଛ) 'ସଂଗୀତ ସିଦ୍ଧାନ୍ତ'ର ସ୍ରଷ୍ଟା କିଏ ?

(i) ଜେସ୍‌ପର୍ସନ (ii) ଫେଡ୍‌ରିକ୍ ମାକ୍ସମୁଲାର

(iii) ସାର ରିଚାର୍ଡ୍ ପେଜେଟ (iv) ପ୍ଲାଟୋ

(ଜ) ଭାଷାର ଉତ୍ପତ୍ତି ସଂପର୍କରେ ସବୁଠାରୁ ପ୍ରାଚୀନତମ ସିଦ୍ଧାନ୍ତର ନାମ.କଣ ?

(i) ଦୈବୀ ଉତ୍ପତ୍ତି ସିଦ୍ଧାନ୍ତ (ii) ଇଙ୍ଗିତ ସିଦ୍ଧାନ୍ତ

(iii) ଧାତୁ ସିଦ୍ଧାନ୍ତ (iv) ଅନୁକରଣ ସିଦ୍ଧାନ୍ତ





(ଝ) ନିମ୍ନୋକ୍ତ କେଉଁଟି କଳାହାଣ୍ଡି ଓ କୋରାପୁଟରେ ଏକ ଆଞ୍ଚଳିକ ଭାଷା ରୂପେ ପରିଚିତ ?

(i) ଭତ୍ରୀ (ii) ଦେଶିଆ

(iii) ସମ୍ବଲପୁରୀ (iv) ଓଡ଼ିଆ

(ଞ) ହିନ୍ଦୀ ଭାଷାବିତ୍ ଡଃ ଭୋଳାନାଥ ତିୱାରୀ ଉପଭାଷାକୁ କେଉଁ ନାମରେ ନାମିତ କରିଛନ୍ତି ?

(i) ବିଭାଷା (ii) ଅପଭାଷା

(iii) ପ୍ରାମାଣିକ ଭାଷା (iv) ବୋଲି

## PART – II

୨ । ସମସ୍ତ ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୫୦ଟି ଶବ୍ଦ ମଧ୍ୟରେ ଦିଅ । [୨ × ୯

(କ) ଭାଷା ଏକ ଅର୍ଜିତ ସମ୍ପତ୍ତି ବୋଲି କାହିଁକି କୁହାଯାଇଛି ?

(ଖ) ରାଜଭାଷା କାହାକୁ କୁହାଯାଏ, ଦୃଷ୍ଟାନ୍ତ ସହ ଉଲ୍ଲେଖ କର ।

(ଗ) ଧ୍ୱନ୍ୟାତ୍ମକ ଅନୁରଣନ ସିଦ୍ଧାନ୍ତ ସଂପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କର ।

(ଘ) ସଂକେତ ବା ପ୍ରତୀକ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? ତାଙ୍କ ବିଚାରରେ ଏହି ସିଦ୍ଧାନ୍ତର ସ୍ୱରୂପ କିପରି ?

(ଙ) ମଧ୍ୟ ଭାରତୀୟ ଆର୍ଯ୍ୟଭାଷାକୁ କେତେ ଭାଗରେ ବିଭକ୍ତ କରାଯାଇଛି ଏବଂ ସେଗୁଡ଼ିକର ନାମ ଉଲ୍ଲେଖ କର ।

(ଚ) ଇଣ୍ଡୋ-ୟୁରୋପୀୟ ଭାଷା ପରିବାର ଅନ୍ତର୍ଗତ କେଣ୍ଟୁମ ଭାଷା ବିଷୟରେ ଉଲ୍ଲେଖ କର ।

(ଛ) ଆଞ୍ଚଳିକ ଭାଷା ସୃଷ୍ଟିର ଯେକୌଣସି ଦୁଇଟି କାରଣ ଲେଖ ।

(ଢ) କଥିତ ଭାଷା କିପରି ମାନକ ଭାଷାରେ ପରିଣତ ହୁଏ ?

(ଣ) ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷାର ଦୁଇଟି ଲକ୍ଷଣ ସମ୍ବନ୍ଧରେ ଉଲ୍ଲେଖ କର।

## PART – III

୩। ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୨୫୦ଟି ଶବ୍ଦ ମଧ୍ୟରେ ଦିଅ। [୫ × ୮

(କ) ଓଡ଼ିଆ ଭାଷାର ବିବିଧ ଲକ୍ଷଣ ସଂପର୍କରେ ଆଲୋକପାତ କର।

(ଖ) ଓଡିଆ ଭାଷାର ରୂପବୈଚିତ୍ର୍ୟ ସଂପର୍କରେ ଆଲୋକପାତ କର।

(ଗ) ଆବେଗ ସିଦ୍ଧାନ୍ତ ଓ ଶ୍ରମ ପରିହରଣମୂଳକ ସିଦ୍ଧାନ୍ତ ସଂପର୍କରେ ସବିଶେଷ ଆଲୋଚନା କର।

(ଘ) ଭାଷା ଉତ୍ପତ୍ତି ସଂପର୍କିତ ବିବିଧ ସିଦ୍ଧାନ୍ତ ମଧ୍ୟରୁ ସମନ୍ୱିତ ସିଦ୍ଧାନ୍ତ ଓ ବିବର୍ତ୍ତନ ସିଦ୍ଧାନ୍ତର ସ୍ୱରୂପ ଆକଳନ କର।

(ଙ) ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ପ୍ରମୁଖ ଶାଖାଗୁଡ଼ିକ ସଂପର୍କରେ ଆଲୋକପାତ କର।

(ଚ) ଆଫ୍ରୋ-ଏସୀୟ ଭାଷା ପରିବାର ସଂପର୍କରେ ସବିସ୍ତୃତ ବର୍ଣ୍ଣନା କର।

(ଛ) ଅଷ୍ଟ୍ରୋ-ଏସିଆଟିକ୍ ଭାଷା ପରିବାରର ବିଶେଷତ୍ୱ ପ୍ରତିପାଦନ କର।

(ଜ) ପଶ୍ଚିମାଞ୍ଚଳୀୟ ଓଡ଼ିଆ ଉପଭାଷାର ଶବ୍ଦଗତ ବୈଶିଷ୍ଟ୍ୟ ଦର୍ଶାଅ।

(ଝ) ଉପଭାଷା ସୃଷ୍ଟି ହେବାର ବିବିଧ କାରଣ ଓ ମହତ୍ତ୍ୱ ଲାଭ କରିବାର ବିଭିନ୍ନ ଦିଗ ସଂପର୍କରେ ପର୍ଯ୍ୟାଲୋଚନା କର।

(ଞ) ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷାର ସ୍ୱରୂପ ସଂପର୍କରେ ଆଲୋକପାତ କର।





## PART – IV

ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୮୦୦ଟି ଶବ୍ଦ ମଧ୍ୟରେ ଦିଅ।

୪। ଭାଷାର ସଂଜ୍ଞା ଓ ସ୍ୱରୂପ ନିର୍ଦ୍ଧାରଣପୂର୍ବକ ଏହାର ପ୍ରକାରଭେଦ ସଂପର୍କରେ ବିଶଦ ବିବରଣୀ ପ୍ରଦାନ କର। [୮

୫। ଭାଷା ଉତ୍ପତ୍ତି ସଂପର୍କିତ ବିଭିନ୍ନ ସିଦ୍ଧାନ୍ତ ସଂପର୍କରେ ସବିଶେଷ ଆଲୋଚନା କର। [୮

୬। ପୃଥିବୀର ଭାଷା ପରିବାର ସଂପର୍କରେ ଆଲୋକପାତ କର। [୮

୭। ଓଡ଼ିଶାରେ ପ୍ରଚଳିତ ବିବିଧ ଉପଭାଷାଗୁଡ଼ିକର ପରିଚୟ ପ୍ରଦାନ କର। [୮

୮। ଭାଷା ଓ ଉପଭାଷା ମଧ୍ୟରେ ପ୍ରଭେଦ ନିରୂପଣପୂର୍ବକ ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଉପଭାଷାର ସ୍ୱରୂପ ଦର୍ଶାଅ। [୮